



# ରାଜଧାନୀରେ 'ଆମ ବସ୍' ଛନକା

ଭୁବନେଶ୍ୱର, ୩।୧(ସମିସ): ରାଜଧାନୀବାସୀଙ୍କୁ ଯାତାୟତ ସୁବିଧା ଯୋଗାଇ ଦେବା ପାଇଁ ୨୦୧୮ ମସିହାରେ ପୂବ ସରକାର ମୋ ବସ୍ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ବଦଳିବା ପରେ ଏହା ଆମ ବସ୍ ନାମରେ ନାମିତ ହୋଇଥିଲା। ସୁଲଭ ଭଡ଼ା ଦର ହୋଇଥିବାରୁ ସହରବାସୀ ଏହି ବସ୍‌କୁ ଅଧିକ ପସନ୍ଦ କରୁଥିଲେ। ଏହା ମଧ୍ୟ ଲୋକମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ସହଜ ଓ ସୁଗମରେ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚାଉଥିଲା। ହେଲେ ଏବେ ଆମବସ୍ ଆତଙ୍କ ବଢ଼ିବାରେ ଲାଗିଛି। ଟୁଇନ୍ ସିଟିରେ ଦେଢ଼ ବର୍ଷ ମଧ୍ୟରେ ୨୪ଟି ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୭ଜଣଙ୍କୁ ଚଢାଇ ମାରିଦେଇଥିଲା। ତେବେ ୨୦୨୬ରେ ଏହା ପ୍ରଥମ ଦୁର୍ଘଟଣା ଘଟିଛି ଯେଉଁଠି ଏକ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ଆମ ବସ୍ ଧକ୍କାରେ ବାରମ୍ବାର ଦୁର୍ଘଟଣା ଯୋଗୁଁ ରାସ୍ତାରେ ଏହି ବସ୍ ଦେଖିଲେ ଲୋକଙ୍କ ଛାତିରେ ଛନକା ପଶୁଛି।

ପ୍ରକାଶ ଥାଉ କି ଗତ ଡିସେମ୍ବର ମାସରେ ଅନ୍ଧାରୁଆ ଅଞ୍ଚଳରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ସେହି ମାସରେ ସତ୍‌ସଙ୍ଗ ବିହାର ନିକଟରେ ଜଣ ମୃତ୍ୟୁ ହୋଇଥିଲା। ଫେବୃଆରୀ ମାସରେ ରଘୁନାଥପୁର ଅଞ୍ଚଳରେ ଜଣେ ନାବାଳିକାର ଏହି ଆମ ବସ୍ ଧକ୍କାରେ ମୃତ୍ୟୁ ହୋଇଥିବା ବେଳେ ଜାନୁଆରୀରେ ସିରିଜ୍ ଦୁର୍ଘଟଣା ଘଟାଇଥିଲା। ଏହିପରି ମଧ୍ୟ ୨୦୨୪ରେ ମଧ୍ୟ ଏପ୍ରିଲ ମାସରେ ବାଣୀବିହାର ଛକରେ ଆମ ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଫେବୃଆରୀ ମାସରେ ବରୁଣେଇ ନିକଟ ଦୁର୍ଘଟଣାରେ ୧୫ରୁ ଅଧିକ ଲୋକ ଆହାତ ହୋଇଥିଲେ। ଏହି ୨୦୨୪ ବର୍ଷରେ ଟ୍ୱିନ୍‌ସିଟିରେ ୨୫ରୁ ଅଧିକ ଦୁର୍ଘଟଣା ଘଟାଇଛି ଆମ ବସ୍। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଲୋକ ଆହାତ ହୋଇଛନ୍ତି।

ପ୍ରତିବର୍ଷ ଏହି ଆମ ବସ୍‌ରେ ଶହ ଶହ ଲୋକ ଯିବା ଆସିବା କରୁଛନ୍ତି ହେଲେ ବସ୍ ଚଲାଉଥିବା ଡ୍ରାଇଭରଙ୍କ ମନମାନିରେ ଏହି ଆମ ବସ୍ ଚାଲୁଅଛି। ନା ଏଥିରେ ବେଗ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି ନା କିଛି କଟକଣା। ଦୁର୍ଘଟଣା ଘଟାଇ ଡ୍ରାଇଭର କେଉଁଆଡ଼େ ଚମ୍ପଟ ମାରୁଛନ୍ତି ହେଲେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଯେଉଁଥିପାଇଁ ବେଳକୁ ବେଳ ରାଜଧାନୀ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଆମ ବସ୍ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି।

ଏନେଇ ପ୍ରତଦିନି ଆମ୍ ବସରେ ଯିବା ଆସିବା ନୂଆପଲ୍ଲୀର ସ୍ୱାତୀ ପଟେଲ କୁହନ୍ତି ଆମ ବସ୍ ଯୋଗୁଁ ଆମେ ଅନେକ ସୁବିଧା ପାଇଛି। ରାଜଧାନୀବାସୀଙ୍କ ପାଇଁ ଏହାଏକ ବରଦାନ ଥିଲା। କିନ୍ତୁ ସମୟ କ୍ରମେ ଏବେ ରାସ୍ତାରେ କେଉଁଠି ଆମ ବସ୍ ଦେଖିଲେ ଲୋକେ ଆତଙ୍କିତ ହୋଇପଡୁଛନ୍ତି। ଅନେକ କ୍ଷେତ୍ରରେ ଆମ ବସ୍ ଦେଖି ରାସ୍ତାକଡ଼ରେ ଠିଆ ହୋଇପଡୁଛୁ ବୋଲି ଅନେକ ଯାତ୍ରୀ କହିଛନ୍ତି।

### ଅଟୋବାଲାଙ୍କୁ ବସ୍ ଷ୍ଟିୟରିଂ

ଆମ ବସ୍‌ର କିଛି ଡ୍ରାଇଭର ପୂର୍ବରୁ ଅଟୋ ଚାଳକ ଥିଲେ। ଅଟୋ ଚାଳନା କରୁଥିଲେ। କ୍ରୁଟ୍ ଏବେ ସେମାନଙ୍କୁ ଆମ ବସ୍ ଧରାଇ ଦେଇଛି। ବଡ ଗାଡି ବଡ ଷ୍ଟିୟରିଂ ଧରିଲା ପରେ ବସ୍‌କୁ ଅଟୋ ବୋଲି ଭାବୁଛନ୍ତି। ଅଟୋ ଯେମିତି ଚାଲେ ସେଭଳି ଚଳାଉଛନ୍ତି। ଫଳରେ ଆମ ବସ୍ ଜନିତ ଦୁର୍ଘଟଣା କ୍ରମେ ବଢ଼ିବାରେ ଲାଗିଛି।

### ସରକାର ଏବେ ନୀରବ

ବିଜେପି ସରକାରକୁ ଆସିବା ପରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଆଖି ମୋ ବସ୍ ଉପରେ ପଡ଼ିଥିଲା। ରାଜ୍ୟରେ ଏକ ସଫଳ ଆଉ ଲୋକ ଦେଖାଣିଆ ସଂସ୍ଥା ଥିଲା ଆମ ବସ୍। ଏଣୁ ପୂର୍ବ ସରକାରଙ୍କୁ ସଫଳତାର ଶ୍ରେୟ ଦେବେ ନାହିଁ ବୋଲି ମୋ ବସ୍‌ର ନାମ ବଦଳାଇ ଆମ ବସ୍ କରିଦେଲେ। ହେଲେ ଏହାର ନାମ ଆମ ବସ୍ ହେବା ପରଠାରୁ ସ୍ଥିତି ବିଗିଡ଼ିଗଲା। ଏହାର ଡ୍ରାଇଭାର ରାସ୍ତା ଘାଟରେ ଲୋକଙ୍କୁ ଚଢାଇ ମାରିଲେ। ପ୍ରାରମ୍ଭରୁ ଡ୍ୟାମେଜ୍ କଣ୍ଟ୍ରୋଲ କରିବାକୁ ଏକାଧିକ ଟେକ୍‌ନୋଲୋଜି ସାହାର୍ଯ୍ୟରେ ଦୁର୍ଘଟଣା ରୋକାଯିବ ବୋଲି ଗଣମାଧ୍ୟମ ସାମ୍ନାରେ ମତ ରଖିଲେ। ହେଲେ ଦୁର୍ଘଟଣା ନିତିଦିନିଆ ହେବାରୁ ମନ୍ତ୍ରୀ ବି ଚୁପ୍ ହେଇଗଲେଣି। ବସ୍ ସମ୍ପର୍କରେ ଆଉ କିଛି କହୁ ନାହାନ୍ତି।

### ବସ୍ ମେଣ୍ଟେନାନ୍ସ ପ୍ରତି ଧ୍ୟାନ ଦିଆଯାଉନି!

ଦୁର୍ଘଟଣା ରୋକିବାକୁ ବସ୍ତୁଠାରୁ ବଡ଼ କଥା ହେଉଛି ବସ୍‌ଗୁଡ଼ିକର ନିୟମିତ ରକ୍ଷଣବେକ୍ଷଣ। ଫଳରେ ଯାନ୍ତ୍ରୀକ ଦୁର୍ଘଟଣା ଅନେକାଂଶରେ ରୋକା ଯାଇପାରିବ। ହେଲେ ଏହି କାମକୁ ଠିକ୍ ଭାବେ କରାଯାଉ ନଥିବା ଅଧିକାଂଶ ଡ୍ରାଇଭର ଅଭିଯୋଗ କରିଛନ୍ତି। ଦିନ ଦିନ ଧରି ବସ୍‌ର କିଛି ଉପକରଣ ସଜାଡିବାକୁ ଲିଖିତ ଦିଆଯାଉଥିଲେ ମଧ୍ୟ ଏହାକୁ ହେ ଜ୍ଞାନ କରାଯାଉଛି ବୋଲି କିଛି ଡ୍ରାଇଭର ଅଭିଯୋଗ କରୁଛନ୍ତି।





## ଗାଁ ସମସ୍ତଙ୍କୁ ଏକଜୁଟ କରି ରଖେ






ଗାଁମୋର ସବୁଜିମାରେ ପରିପୂର୍ଣ୍ଣ। ସେଇ ମାଟିରେ ଗଢି ହେଇଛି ଜୀବନର ଅନେକ ଗୁଡିଏ ସ୍ମୃତି। ନଦୀ, ନାଳ ଗଛଲତା ମେଳରେ ସେଠାରେ କଟିଛି ପିଲାଦିନ। ସବୁ ସମ୍ପର୍କର ମୂଳ ହେଉଛି ସେଇ ଗାଁ ମାଟି। ଯେଉଁଠି ମଣିଷ ଶିଖିଛି ସ୍ନେହ ବାଣ୍ଟିବା, ଭଲରେ ମନ୍ଦରେ ଏକାଠି ହୋଇ ରହିବା। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ଆପଣାର ଲାଗନ୍ତି। ପାଠପଢ଼ା ଏବଂ ପରେ କର୍ମମୟ ଜୀବନ ତାଙ୍କୁ ଭୁବନେଶ୍ୱର ଯାଏଁ ଟାଣି ଆଣିଥିଲା। ହେଲେ ମନରେ ଗାଁ ପାଇଁ ଥିବା ସେ ସ୍ୱତନ୍ତ୍ର ସ୍ଥାନକୁ ସହର କେବେ ବଦଳେଇ ପାରିନଥିଲା। ଏପରି ଜଣେ ବ୍ୟକ୍ତି ହେଲେ କେନ୍ଦ୍ରାପଡ଼ା ଜିଲ୍ଲା କୁସୁନପୁର ଗାଁର ଅରବିନ୍ଦ ନାୟକ। ୧୬ ବର୍ଷ ହେବ ସେ ଏଠାରେ ରହୁଛନ୍ତି। ବର୍ତ୍ତମାନ ତାଙ୍କ ଠିକଣା ଲକ୍ଷ୍ମୀସାଗର ଏବଂ ପେଶାରେ ସେ ଜଣେ ବ୍ୟବସାୟୀ। ସେ କୁହନ୍ତି, ପିଲାବେଳେ ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ ସେ ନଇରେ ଗାଧେଇବାଠାରୁ ବାଡି ତୋଟା ବୁଲିବା। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ଦୋଳ, ରଜ ଏବଂ ପ୍ରଥମାଷ୍ଟମୀରେ ଗାଁ ପୁରା ଉତ୍ସବ ମୁଖର ହୋଇଉଠେ। ସବୁଜ କିଆରି, ଗାଁ ନଈ ନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ନିକଟରେ ସାମ୍ବ ଦଶମୀ ଘରେ ଘରେ ପାଳନ ହୋଇଥିଲା। ହେଲେ ସହରରେ ପାଳନ ହେବା ନହେବା ଏକା ପରି ଲାଗେ। କାରଣ ଗାଁରେ ସମସ୍ତଙ୍କ ଘରେ ପିଠାପଣାର ମହକ ଘର ଦାଣ୍ଡ ଯାଏଁ ମହକୁ ଥାଏ। ଘରେ ଘରେ ଭୋଜି ଭାତ ନିମନ୍ତ୍ରଣ ରହେ। କିନ୍ତୁ ସହରରେ ପଡୋଶୀ ସହ ମଧ୍ୟ ଭଲରେ ଟିକିଏ କଥା ହେବା ଦୂରରେ ଥାଉ ଚିହ୍ନି ନାହାନ୍ତି ଯେମିତି। ସେ ସମୟରେ ପାଠପଢ଼ା ପାଇଁ ସିନା ଘର ଆଉ ଗାଁ ଛାଡିଲୁ। ଗାଁ ସମସ୍ତଙ୍କୁ ଏକଜୁଟ କରି ରଖେ।






## ବାର୍‌ରେ ଭଙ୍ଗାରୁଜା ଘଟଣା; ୪ ଗିରଫ



ଭୁବନେଶ୍ୱର, ୩।୧ (ସମିସ): ବାରରେ ପଶି ଭଙ୍ଗାରୁଜା କରିବା ସହ ଗାୟିକାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପଳାଶୁଣି କେନାଲ ରୋଡର ଡଲି ଓରଫ୍ ପୂର୍ଣ୍ଣଚନ୍ଦ୍ର ଶିଆଳ (୨୫), ପ୍ରାଚୀ ବିହାରର ନନ୍ଦୁ ଓରଫ୍ ପ୍ରିୟବ୍ରତ ଖଟୁଆ (୨୨), ଓସିସି ରୋଡର ପୁପୁଲୁ ଓରଫ୍ ଆଶୁତୋଷ ମହାନ୍ତି (୪୨) ଓ ରସୁଲଗଡ଼ର ବିକି ଓରଫ୍ ଦେବୀପ୍ରସାଦ ବାରିକ (୨୧)।

ପୁଲିସ ସୂଚନାନୁଯାୟୀ, ଗତ ଗୁରୁବାର ରାତି ପ୍ରାୟ ୧୦ଟା ୪୫ରେ ଡଲି, ବିକି, ନନ୍ଦୁ, ପୁପୁଲୁ, ଯୁବରାଜ ଓ ପପୁ ନିଶାଗ୍ରସ୍ତ ଅବସ୍ଥାରେ ରସୁଲଗଡ଼ ବାରରେ ପଶି ଦାଦାବଟି ଦେବାକୁ ଦାବି କରିଥିଲେ। ମନା କରିବାରୁ, ଅଭିଯୁକ୍ତମାନେ କର୍ମଚାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକ ଦେଇଥିଲେ। ୱେଟର ଜିତେନ୍ଦ୍ର ମହାନ୍ତି ଗ୍ରାହକମାନଙ୍କ ଉପସ୍ଥିତିରେ ବିଶୃଙ୍ଖଳା ସୃଷ୍ଟି ନକରିବାକୁ ଅନୁରୋଧ କରିବାବେଳେ ଅଭିଯୁକ୍ତମାନେ ବାର୍ ଭିତରେ ଭଙ୍ଗାରୁଜା କରିଥିଲେ। ଏଥିସହିତ ମହିଳା ଗାୟିକାଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଅପମାନିତ କରି ଦୁର୍ବ୍ୟବହାର କରିଥିଲେ। ଆକାଶ ଭୋଳଙ୍କ ଅଭିଯୋଗ ଆଧାରରେ ମଞ୍ଚ?ଶ୍ୱର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ଆଜି ଉପୋରକ୍ତ ୪ ଜଣଙ୍କୁ ଗିରଫ କରିଥିବା ବେଳେ ପପୁ ଓ ଯୁବରାଜ ଫେରାର ଅଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତମାନେ ଅଭ୍ୟାସଗତ ଅପରାଧୀ ଓ ସେମାନଙ୍କ ବିରୁଦ୍ଧରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## କାଠ ଫାଳିଆରେ ଆକ୍ରମଣ; ରାକା ଗିରଫ



ଭୁବନେଶ୍ୱର, ୩।୧(ସମିସ): କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ କୁଖ୍ୟାତ ରାକାକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବୋତଣ୍ଡା ଭୋଇ ସାହିର ଆକାଶ ଚନ୍ଦ୍ର ବେହେରା ଓରଫ୍ ରାକା (୩୩)। ପୁଲିସ ସୂଚନାନୁସାରେ, ଗତ ବୁଧବାର ଅପରାହ୍ଣରେ ଶୈଳେନ୍ଦ୍ର ପ୍ରଧାନ ଘରକୁ ଫେରୁଥିବା ବେଳେ ରାକା ତାଙ୍କୁ କୁହା ନିକଟରେ ଅଟକାଇ ଗାଳିଗୁଲଜ କରିଥିଲା। ଶୈଳେନ୍ଦ୍ର ପ୍ରତିବାଦ କରିବାରୁ, ରାକା ମୁଠା ଓ କାଠ ଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲା। ଏଥିସହିତ ତାଙ୍କ ଉପରକୁ ଭଙ୍ଗା ଇଟା ଫୋପାଡ଼ିଥିଲେ। ଫଳରେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ହସ୍ତକ୍ଷେପ କରିବାରୁ ରାକା ଫେରାର ହୋଇ ଯାଇଥିଲା। ଏନେଇ ଶୈଳେନ୍ଦ୍ର ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ଆଜି ରାକାକୁ ଗିରଫ କରିବା ସହ ଇଟା ଜବତ କରିଥିଲା। ରାକା ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ୧୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।




ରାଜ କିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ। ସ୍ୱାଗତ କରୁଛନ୍ତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ

## ବିଏମ୍‌ସି ପକ୍ଷରୁ 'ପଥ ଉତ୍ସବ' ଆଜି

ଭୁବନେଶ୍ୱର, ୩।୧(ସମିସ): ବର୍ଷକର ବିରତି ପରେ ପୁଣି ଫେରିଛି ଭୁବନେଶ୍ୱର 'ପଥ ଉତ୍ସବ'। ନୂଆବର୍ଷ ୨୦୨୬ର ପ୍ରଥମ ରବିବାରରୁ 'ପଥ ଉତ୍ସବ'ର ଶୁଭାରମ୍ଭ ହେବ। ଚଳିତବର୍ଷ ତିନିଟି ଜୋନ୍‌ରେ ଏହା ଆୟୋଜନ ହେବାକୁ ଥିବା ବେଳେ ପ୍ରଥମ 'ପଥ ଉତ୍ସବ' ସ୍ମାର୍ଟ ଜନପଥର ମାଷ୍ଟକ୍ୟାଣ୍ଟିନ୍‌ଠାରେ ସକାଳ ୬ଟା ୩୦ ମିନିଟ୍‌ରେ ଆୟୋଜିତ ହେବ। ମାଷ୍ଟରକ୍ୟାଣ୍ଟିନ୍‌ରୁ ରାମମନ୍ଦିର ଛକ ମଧ୍ୟରେ ପାଳିତ ହେବ। ଏଥର 'ପଥ ଉତ୍ସବ'ରେ ମନୋରଞ୍ଜନ କରିବେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ସମେତ ଅନ୍ୟ କଳାକାର। ଭିଡ଼ ଭିତରୁ ଟ୍ୟାଲେଣ୍ଟଙ୍କୁ ଖୋଜିବାକୁ 'ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥର 'ପଥ ଉତ୍ସବ'ରେ କିଛି ନୂଆ କାର୍ଯ୍ୟକ୍ରମ ସାମିଲ୍ କରାଯାଇଥିବା ବିଏମ୍‌ସି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି।












ଭୁବନେଶ୍ୱରରେ ଉଚ୍ଛେଦର ପ୍ରତିବାଦ

# ବିଏମ୍‌ସି, ବିଡିଏ ବିରୋଧରେ ଉଠାଦୋକାନୀଙ୍କ ମେଳି

**■ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଘେରଉ ଚେତାବନୀ**



ଭୁବନେଶ୍ୱର, ୩।୧(ସମିସ): ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଇନ ନ ମାନି ଯେଉଁଭଳି ଭାବରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରିଚାଲିଛନ୍ତି ତା'ର ପ୍ରତିବାଦରେ ଶନିବାର ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଏବଂ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘ ତରଫରୁ ଆଇଜି ପାର୍କରେ ପାଖାପାଖି ୧୦୦ରୁ ଅଧିକ ଉଠାଦୋକାନୀ ସଂଘର କର୍ମକର୍ତ୍ତା ଯୋଗଦେଇ ବିଏମ୍‌ସି ଓ ବିଡ଼ିଏ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ।

ବିଏମ୍‌ସି ଓ ବିଡ଼ିଏର ସ୍କ୍ୱାଡ଼ ଉଚ୍ଛେଦ ସମୟରେ ଉଠାଦୋକାନୀ ଆଇନ୍ ଓ ସମ୍ବିଧାନକୁ ନ ମାନି ମନମୁଖୀ ଉଚ୍ଛେଦ କରିବା, ଦୋକାନୀମାନଙ୍କୁ ଧମକ ଚମକ ଦେବା, ଉଚ୍ଛେଦ ସମୟରେ ଦୋକାନୀମାନଙ୍କ ସାମଗ୍ରୀଗୁଡ଼ିକୁ ତାଲିକାଭୁକ୍ତ ନକରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କରିଥିଲେ। ଏହି ବୈଠକରେ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ନିରଞ୍ଜନ ପାଣ୍ଡେ, ସସ୍ମିତା ସାହୁ, ସୂର୍ଯ୍ୟମଣି ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା, ସୁଶାନ୍ତ ରାଉତ, ଶ୍ୟାମସୁନ୍ଦର କୁଅଁର, ଶରତ କୁମାର ସାହୁ, ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ସେମାନଙ୍କ କ୍ଷୋଭ ପ୍ରକାଶ କରିଥିଲେ। ଏହାସତ୍ତ୍ୱେ ଯଦି ବିଏମ୍‌ସି ଓ ବିଡ଼ିଏର ସ୍କ୍ୱାଡ଼ ଉଠାଦୋକାନୀ ଉଚ୍ଛେଦ ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଏବଂ ବିଏମ୍‌ସି ଓ ବିଡ଼ିଏ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଠାରେ ସୂଚନାଥାଉକି, ବିଏମ୍‌ସି, ବିଡ଼ିଏ ଉତ୍ତର ଜୋନ ଅଞ୍ଚଳରେ ପାଖାପାଖି ୪୦୦୦ରୁ ଅଧିକ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିଥିବା ବେଳେ ସେଣ୍ଟ୍ରାଲ ଜୋନ ଓ କଳ୍ପନା ବିଏମ୍‌ସି ଜୋନ ଅଞ୍ଚଳରେ ପାଖାପାଖି ୫୦୦୦ରୁ ଅଧିକ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରି ସେମାନଙ୍କ ପରିବାରକୁ ଦାଣ୍ଡର ଭିକାରି କରିଦେଇଛି।






ଭୁବନେଶ୍ୱର ସିଟି

# ବଢୁଛି ବାୟୁ ପ୍ରଦୂଷଣ; ମାଡ଼ିଆସୁଛି ରୋଗ

ଭୁବନେଶ୍ୱର, ୩।୧(ସମିସ): ଭୁବନେଶ୍ୱରରେ ଏବେ ବାୟୁ ପ୍ରଦୂଷଣର ମାତ୍ରା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ଯାହା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ସକାଳେ ଘନ କୁହୁଡ଼ିର ଏକ ଆସ୍ତରଣ ଘେରି ରହୁଥିବା ଦେଖାଯାଉଛି । ଏହାଦ୍ୱାରା କେବଳ ଦୃଶ୍ୟତା ହ୍ରାସ ପାଉନାହିଁ ବରଂ ବିଭିନ୍ନ ପ୍ରାଣଘାତୀ ରୋଗ ସଂକ୍ରମଣର କାରଣ ପାଲଟିଛି ।

- ବଢୁଛନ୍ତି ଶ୍ୱାସ ଏବଂ ଚର୍ମଜନିତ ରୋଗୀଙ୍କ ସଂଖ୍ୟା
- ଏକ୍‌ଜିମା, ସିରୋସିସ ସଂକ୍ରମଣ ପଛରେ ପ୍ରଦୂଷିତ ବାୟୁ



ବିଶେଷ ଭାବରେ ଶୀତ ଋତୁରେ ମଧ୍ୟ ବାୟୁର ମାନ ନିମ୍ନସ୍ତରକୁ ଯିବା ଏବେ ରାଜଧାନୀବାସୀଙ୍କ ଚିନ୍ତାର କାରଣ ପାଲଟିଛି । କେବଳ ସେତିକି ନୁହେଁ ବରଂ ଦିଲ୍ଲୀ ଭଳି ପରିସ୍ଥିତି ଭୁବନେଶ୍ୱରରେ ହେବାର ଆଶଙ୍କା ବଢ଼ିବା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରୁଛି । ଫଳରେ ବିନା ମାସ୍କରେ ଲୋକ ଘରୁ ଗୋଡ କାଢିବାକୁ ସଙ୍କୋଚ ଅନୁଭବ କରୁଛନ୍ତି । କେବଳ ସେତିକି ନୁହଁ ବିଭିନ୍ନ ପ୍ରକାରର ରୋଗ ପାଇଁ ଏବେ ପ୍ରଦୂଷିତ ବାୟୁ କାରଣ ସାଜୁଛି । ସୂଚନା ଅନୁଯାୟୀ, ନିକଟରେ ପ୍ରଦୂଷଣ ନିୟନ୍ତ୍ରକ ବୋର୍ଡ ଜାରି କରିଥିବା ତଥ୍ୟ ଅନୁଯାୟୀ ଶୁକ୍ରବାର ଦେଶର ଅତି ଖରାପ ବାୟୁ ମାନ ଥିବା ୯ ସହର ମଧ୍ୟରେ ଭୁବନେଶ୍ୱର ମଧ୍ୟ ରହିଥିଲା । ଭୁବନେଶ୍ୱରର ଏକ୍ୟୁଆଇ ଶୁକ୍ରବାର ୩୧୭ ଥିବାବେଳେ ଶନିବାର ୩ଶହ ଅତିକ୍ରମ କରିଥିଲା । ଡାକ୍ତରଙ୍କ ମତରେ ବାୟୁରେ ଯେଉଁ ପ୍ରଦୂଷିତ ଧୂଳିକଣିକାରେ ବହୁ ପ୍ରକାର କେମିକାଲ ରହୁଛି । ଯାହା ଆମ ଚର୍ମକୁ ବହୁ ପରିମାଣରେ କ୍ଷତି ପହଞ୍ଚାଉଛି । ଏକଜିମା, ସିରୋସିସ ରୋଗୀଙ୍କ ଉପରେ ଏହା ବେଶୀ ପ୍ରଭାବ ପକାଉଛି । ଏହାସହ ଶ୍ୱାସ ରୋଗୀଙ୍କ ପାଇଁ ବି ପ୍ରଦୂଷିତବାୟୁ କ୍ଷତିକାରକ ।

ଏ ସମ୍ପର୍କରେ ଆନେସ୍ଥେସିଓଲୋଜି ଏବଂ କ୍ରିଟିକାଲ କେୟାର ମେଡିସିନ୍‌ର ପ୍ରଫେସର ଡା. ଦେବାଶିଷ ସ୍ୱାଇଁ କୁହନ୍ତି, ବର୍ତ୍ତମାନ ସମୟରେ ଗାଡ଼ି ମୋଟରରୁ, ବିଭିନ୍ନ କାରାଖାନା ଆଦି ସ୍ଥାନରୁ ନିର୍ଗତ ଧୂଆଁ, ରାସ୍ତାଘାଟରେ ଉଡୁଥିବା ଧୂଳି ଏହି ସ୍ଥିତିକୁ ଅଧିକ ଜଟିଳ କରୁଛି । ଫଳରେ ସେହି ନିର୍ଗତ ଧୂଳି ବା ଧୂଆଁ ବାୟୁରେ ଥିବା ଜଳ କଣିକା ଉପରେ ବସି ରହୁଛନ୍ତି ଏବଂ ତାର ଓଜନ ଅଧିକ ଥିବାରୁ ସେ ଉପରକୁ ନଯାଇ ବାୟୁରେ ସ୍ମଗ ତିଆରି କରୁଛି । ଯାହାକୁ ସାଧାରଣରେ କୁହୁଡି ମଧ୍ୟ କୁହାଯାଉଛି । ଏହା ଶୀତ ଦିନରେ ଜଳବାୟୁରେ ବେଶୀ ସମୟ ରହୁଛି । ଲୋକ ଯେତେବେଳେ ଏହାକୁ ନିଶ୍ୱାସରେ ନେଉଛନ୍ତି ତାହା ଫୁସଫୁସକୁ ଯାଇ ଧୀରେ ଧୀରେ ଶରୀରକୁ କ୍ଷତି ପହଁଚାଉଛି । ଫଳରେ କାସ ହେବା, ନିଶ୍ୱାସ ନେବାରେ କଷ୍ଟ ହେବା ଏବଂ ପରବର୍ତ୍ତୀ ସମୟରେ କାସରେ ରକ୍ତ ପଡ଼ିବାର ସମ୍ଭାବନା ମଧ୍ୟ ରହିଥାଏ । ଆଲର୍ଜି ବ୍ରୋଙ୍କାଇଟିସ, ବ୍ରୋଙ୍କି ଏକଟାସିସ ଏବଂ ସିଓପିଡି, ଗ୍ୟାସ ସକ୍ସିସିଟି ଆଦି ମଣିଷ ଶରୀରରେ ପରିଲକ୍ଷିତ ହୋଇଥାଏ । ଏହା ମୁଖ୍ୟତଃ ୧୨ ବର୍ଷରୁ କମ୍ ବୟସର ପିଲା, ବୟସ୍କ ଲୋକ ଏବଂ ଦୀର୍ଘଦିନ ଧରି ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଧିକ ଦେଖାଯାଏ । ତେଣୁ ବହୁଳ ପରିମାଣରେ ଆଖପାଖରେ ଗଛ ଲଗାଇବା, କୁହୁଡି ସମୟରେ ଅଯଥା ନ ବୁଲିବା, ଧୂମ୍ରପାନ ବନ୍ଦ କରିବା ଏବଂ ବାହାରକୁ ଯିବା ସମୟରେ ନିୟମିତ ମୁହଁରେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି ।

## ଓଡ଼ିଶା ଫେଶନ୍ ସପ୍ତାହରେ ରାମ୍ପ ଶୋ'

ଭୁବନେଶ୍ୱର, ୩।୧(ସମିସ): ଓଡ଼ିଶା ଫେଶନ ସପ୍ତାହ (ଓଏଫଡବ୍ଲ୍ୟୁ) ସିଜନ୍–୩ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସଞ୍ଜୋଗ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ କିୟୋ ସୌନ୍ଦର୍ଯ୍ୟର ମାଲିକ ଗୀତାଞ୍ଜଳି ଶର୍ମାଙ୍କ ସସହଭାଗିତାରେ ଆୟୋଜିତ ଏହି ଫେଶନ ମହୋତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ଡିଜାଇନର୍, ସେଲିବ୍ରିଟି, ଶୋ'ଷ୍ଟପର୍, ଫ୍ୟାଶନ୍ ପ୍ରେମୀମାନେ ଯୋଗ ଦେଇଥିଲେ । ଏହି ସିଜନ୍‌ରେ ଅସୀମା ମହାପାତ୍ରଙ୍କ ସମେତ ୧୮ ଜଣ ଡିଜାଇନର ରାମ୍ପରେ ପ୍ରଦର୍ଶନ କରିଥିଲେ । ସମ୍ବଲପୁରୀ, ବୋମକାଇ, ଇକତ୍ ଓ ହସ୍ତତନ୍ତ ସିଲ୍କ ଭଳି ପାରମ୍ପରିକ ବସ୍ତ୍ରକୁ ଆଧୁନିକ ଆକୃତିରେ ପ୍ରସ୍ତୁତ କରାଯାଇଥିଲା । ଜେନନେକ୍ସଟ୍ ବର୍ଗରେ ଆଇଟିଆଇ, କିଟ୍, ଜେଡି ଇନଷ୍ଟିଚ୍ୟୁଟ୍ ଓ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ଡିଜାଇନର୍ ନୀତେଶଙ୍କ 'ଗିରିଶୀଲ୍' ସଂଗ୍ରହ ସହ କାର୍ଯ୍ୟକ୍ରମର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଏଥିରେ ଶୋ'ଡାଇରେକ୍ଟର ସାହାବାଜ ଖାନ୍ ପରିଚାଳନା କରିଥିବା ବେଳେ ଶୋ'ଷ୍ଟପର୍ ଭାବେ ଗୌରୀଶଙ୍କର ଦାଶ, ଡାକ୍ତର ଅନୁରାଧା ସିଂହରାୟ ଏବଂ କ୍ଷୀରାବ୍ଧି ପଟ୍ଟନାୟକଙ୍କ ସମେତ ଏମଏସଏମଇ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଝାନ୍ସୀ ରାଣୀ ଦାସ, ସାମାଜିକ କର୍ମୀ ଡାକ୍ତର ଚିଦାତ୍ମିକା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## 'କୁଣ୍ଡଳୀ'ର ମହୁରତ



ଭୁବନେଶ୍ୱର, ୩।୧(ସମିସ): ନୂଆ ଓଡ଼ିଆ ଚଳଚ୍ଚିତ୍ର 'କୁଣ୍ଡଳୀ'ର ଶୁଭ ମହୁରତ୍ କାର୍ଯ୍ୟକ୍ରମ ମାଆ ଧାକୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଥଣ୍ଡର ପିକ୍ସେଲ ଫିଲ୍ମସ ଓ ଆମରା ମ୍ୟୁଜିକ୍‌ର ମିଳିତ ସହଯୋଗରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା ବିଜୟଲକ୍ଷ୍ମୀ ନାୟକ ଦେଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରୋହନଜିତ୍ ଦାଶ । ମହୁରତରେ ସଙ୍ଗୀତ ନିର୍ଦ୍ଦେଶକ ଜ୍ଞାନ ବେହେରା, କାର୍ଯ୍ୟକାରୀ ପ୍ରଯୋଜକ ଶୁଭ୍ରାଂଶୁ ଶେଖର ମହାପାତ୍ର, ବରିଷ୍ଠ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଯୁବ ପ୍ରଯୋଜକ ହିମାଦ୍ରୀ ତନୟ ଦାସ, ଶକ୍ତି ବରାଳ, ଋଷି ପଟ୍ଟନାୟକ, ନବାଗତ ନାୟକ ମୃଣ୍ମୟ, ନାୟିକା, ଅନନ୍ୟା ଦାଶ, ଅଭିନେତା ଜ୍ୟୋତି ନାୟକ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡିଆ ପ୍ଲାନର ପ୍ରଣୟ ଜେଠୀ, କାହାଣୀକାର ତଥା ସଂଳାପକାର ଶୁଭ୍ରାଂଶୁ ବିଶ୍ୱାଳ ଉପସ୍ଥିତ ଥିଲେ । ଏଥିରେ ନାୟକ ଜ୍ୟୋତି, ମୃଣ୍ମୟ, ନାୟିକା ଅନନ୍ୟା ଦାଶ ଏବଂ ଜସ୍ମିନ ମୁଖ୍ୟଚରିତ୍ରରେ ଅଭିନୟ କରିଛନ୍ତି ।

## ବରିଷ୍ଠ ନାଗରିକଙ୍କ ଉପରେ କର୍ମଶାଳା




ଭୁବନେଶ୍ୱର, ୩।୧(ସମିସ): ଓଡ଼ିଶା ଅବସରପ୍ରାପ୍ତ ପୁଲିସ୍ ପଦାଧିକାରୀ କଲ୍ୟାଣ ସମିତି ଓ ୱାଲେଟ୍ ଫର୍ ୱେଲଥ୍ ମିଳିତ ସହଯୋଗରେ 'ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଓ ଉପସ୍ଥାପନା' ଉପରେ ଏକ କର୍ମଶାଳା ହୋଟେଲ ପ୍ରାଚୀର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ପୁଲିସ କମିସନର ଡ. ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ରାଜେଶ କୁମାର, ୱାଲେଟ ଫର୍ ୱେଲଥ୍ ମ୍ୟାନେଜିଂ ଡାଇରେକ୍ଟର ତ୍ରିନାଥ ଲେଙ୍କା ଯୋଗଦାନ କରିଥିଲେ । ସଂଗଠନ ସମ୍ପାଦ ନୀଳମୋହନ ତ୍ରିପାଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏସ୍ଏସ୍‌ପି ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପଠାଇଥିବା ଶୁଭେଚ୍ଛା ବାର୍ତ୍ତାକୁ ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ପଠନ କରିଥିଲେ । କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୁଲିସ ସଂଘ ପକ୍ଷରୁ ଉପସଭାପତି ସୁରେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର, କ୍ରୀଡ଼ା ସମ୍ପାଦକ ସୁବେଶ କୁମାର ସାମଲ, ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## କୁଶଗାଡ଼ିଆ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ହଂସପାଳ, ୩।୧(ସମିସ): ଗାଦି ଗୋସାଇଁ କୁଶଗାଡିଆ ମଠ କମିଟି ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଶାନ୍ତି ଶୃଙ୍ଖଳା ସହ ଉଦଯାପିତ ହୋଇଯାଇଛି । ଶନିବାର ପୂର୍ଣ୍ଣାହୁତି ସହ ଅନ୍ୟାନ୍ୟ ଦେବାଦେବୀ ପୂଜା, ଗୋ ମାତା ପୂଜା ଏବଂ ଶାନ୍ତିକାଧ୍ୟାୟ ପାଠ କରାଯାଇଥିଲା । କର୍ତ୍ତା ଭାବେ ବିରଞ୍ଚି ନାରାୟଣ ଦାସ ଏବଂ ରିନାରାଣୀ ଦାସ ସମସ୍ତ ଦାୟିତ୍ୱ ତୁଲାଇଥିଲେ । ମଠ କମିଟି ସଭାପତି ପ୍ରକାଶ ଜେନାଙ୍କ ସୂଚନା ଅନୁସାରେ ଶାନ୍ତିଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବା ନେଇ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି । ଭାବପୂର୍ଣ୍ଣ ଭାବେ ସମସ୍ତ ଶ୍ରଦ୍ଧାଳୁ ଯୋଗଦେଇ ଆଳତି ସହ ପୂର୍ଣ୍ଣାହୁତି ଦେଇଥିଲେ । ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦୁଇଦିନ ଧରି ସ୍ଥାନୀୟ ଯୁବକଙ୍କ ଦ୍ୱାରା ନାଟକ ପରିବେଷଣ କାର୍ଯ୍ୟକ୍ରମ ରହିଅଛି । କୁଶଗାଡ଼ିଆ ମଠ କମିଟି ପକ୍ଷରୁ ଏହି କାର୍ଯ୍ୟକୁ ସଫଳ ଭାବେ ପରିଚାଳନା କରାଯାଇଥିଲା ।

## ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ

ଧଉଳି, ୩।୧(ସମିସ): ବାଲିଅନ୍ତା ବ୍ଲକରେ ଚଳିତ ଶିକ୍ଷାବର୍ଷରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ଘରୋଇ ଶିକ୍ଷାନୁଷ୍ଠାନ ଉଭୟ ପରୀକ୍ଷାରେ ବାଜିମାତ କରିଛନ୍ତି । ବାଲକାଟି ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ପିଜିଏନ ଶିକ୍ଷାନୁଷ୍ଠାନ ଶିକ୍ଷାନୁଷ୍ଠାନର ଶୁଭଶ୍ରୀ ସାହୁ ତୃତୀୟ ଶ୍ରେଣୀ ବୃତ୍ତିରେ ସମଗ୍ର ବ୍ଲକରେ ୭ ମ ସ୍ଥାନ ପାଇଥିବା ବେଳେ ୫ମ ବୃତ୍ତିରେ ପ୍ରତ୍ୟାଶା ଦାଶ ଓସାଇ ଅଙ୍କିତା ଜେନା ଷଷ୍ଠ ସ୍ଥାନରେ ରହିଥିବା ବେଳେ ସାଇ କୃଷ୍ଣକାନ୍ତ ଭୋଳ ସପ୍ତମ ସ୍ଥାନରେ ରହିଛନ୍ତି । କୃତି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତପନ କୁମାର ବେହେରା, ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି କୃତଜ୍ଞତା ଜଣାଇଛନ୍ତି । ସେହିପରି ସମଗ୍ର ବ୍ଲକରେ ତୃତୀୟ ଶ୍ରେଣୀ ବୃତ୍ତିରେ ବାଲକାଟି ଜାମୁତୋଟାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସୋନମ ମହାପାତ୍ର ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବେଣୁପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ସ୍ନେହାଶି ପାତ୍ର ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତିରେ ଅଲାରପୁରସ୍ଥିତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଦୃଷ୍ଟି ଦର୍ଶନୀ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜାମୁତୋଟା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଆୟୁଷ ପ୍ରିତମ ନାୟକ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରକାଶଥାଉକି ବାଲିଅନ୍ତା ବ୍ଲକରେ ତୃତୀୟ ଶ୍ରେଣୀରେ ମୋଟ ୧୪୨ ଏବଂ ପଞ୍ଚମ ଶ୍ରେଣୀରେ ମୋଟ ୧୩୪ ଜଣ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ତୃତୀୟ ଶ୍ରେଣୀ ବୃତ୍ତିରେ ମେରିଟ ଲିଷ୍ଟରେ ୭ ଜଣ ପାଇଥିବା ବେଳେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୭ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସେହିପରି ପଞ୍ଚମ ଶ୍ରେଣୀରେ ୭ ଜଣ ମେରିଟ ଲିଷ୍ଟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି । ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀ ଏବଂ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କୃତଜ୍ଞତା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୩।୧ (ସମିସ): ଖଣ୍ଡଗିରି ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି । ଏଥିରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଜ୍ଞାନିକ ପଦ୍ମଶ୍ରୀ ଡ. ଆଦିତ୍ୟ ପ୍ରସାଦ ଦାସ ମୁଖ୍ୟ ଅତିଥି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଡିନ୍ (ଛାତ୍ର ମଙ୍ଗଳ) ପ୍ରଫେସର ଡ. ଜ୍ୟୋତିରଞ୍ଜନ ଦାସ ସମ୍ମାନିତ ଅତିଥି, ଆରଏସ୍ଏସ୍ ପୂର୍ବପ୍ରାନ୍ତ ପ୍ରାକ୍ତନ ଅଧ୍ୟକ୍ଷ ଅନିଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ବାର୍ଷିକ ବିବରଣୀ ପଠନ କରିଥିଲେ । ପରିଚାଳନା ସମିତି ସଭାପତି ଶ୍ରୀନିବାସ ମାନସିଂହ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷିତ ହୋଇଥିଲା । ଏଥିରେ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ସେବକ, ସେବିକା ସହଯୋଗ କରିଥିଲେ ।

## ଅନ୍ନଦା ପ୍ରସାଦଙ୍କ ସ୍ମୃତିଚାରଣ ସଭା

ଭୁବନେଶ୍ୱର, ୩।୧(ସମିସ): ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଶିକ୍ଷାବିତ ଅନ୍ନଦା ପ୍ରସାଦ ରକ୍ଷିତଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବିରଜା ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର, ଇଂ ଗଣେଶ ଚନ୍ଦ୍ର ପଣ୍ଡା, ଇଂ ସୁବାସ ଚନ୍ଦ୍ର ସାହୁ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ସୁରେଶ ଚନ୍ଦ୍ର ମହାନ୍ତି, ଶ୍ରୀବାସ ପ୍ରସାଦ ମହାପାତ୍ର ସତ୍ୟନାରାୟଣ ଆଚାର୍ଯ୍ୟ, ଅଶୋକ କୁମାର ଦାଶ ଅଶ୍ୱିନୀ ପଟ୍ଟନାୟକ, ପ୍ରବୋଧ କୁମାର ମହାନ୍ତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଶ୍ମିତା ରାଉତ ଭଜନ ପରିବେଷଣ କରିଥିଲେ । ଶେଷରେ ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ତପନ କୁମାର କର ଓ ଲେଖା କର ପରିଚାଳନା କରିଥିଲେ ।

### ବୃତ୍ତି ପରୀକ୍ଷା ପ୍ରଥମସ୍ଥାନରେ ସୃତିପ୍ରଜ୍ଞା

ନନ୍ଦନକାନନ, ୩।୧(ସମିସ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମ ପଞ୍ଚାୟତର ଗଣ୍ଡରପୁର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସୁଶ୍ରୀ ସୃତିପ୍ରଜ୍ଞା ରାଉତ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଭୁବନେଶ୍ୱର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଗଣ୍ଡରପୁର ଗ୍ରାମ ନିବାସୀ ପ୍ରଶାନ୍ତ କୁମାର ରାଉତ ଓ ମୀରା ରାଉତଙ୍କ କନ୍ୟା ହେଉଛନ୍ତି ସୃତିପ୍ରଜ୍ଞା । ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବିଦ୍ୟାଳୟ ସଭାପତି ଗୋପୀନାଥ ଦାଶ, ସମ୍ପାଦକ କାଶୀନାଥ ରାଉତ, ପ୍ରଧାନ ଆଚାର୍ଯ୍ୟ ଅଜୟ ରାଉତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଜ୍ୟୋତିଷ ବାସ୍ତୁ ସଂସ୍ଥାନ ପକ୍ଷରୁ ଆଲୋଚନାଚକ୍ର



ଭୁବନେଶ୍ୱର, ୩।୧(ସମିସ): ମହର୍ଷି ପରାସର ଜ୍ୟୋତିଷ ବାସ୍ତୁ ସଂସ୍ଥାନ ପକ୍ଷରୁ ଶନିବାର ବୁଦ୍ଧମନ୍ଦିର ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ବହୁ ବାସ୍ତୁବିତ୍ ଓ ଜ୍ୟୋର୍ତିବିଜ୍ଞାନୀମାନେ ଯୋଗଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଡ. ନିରଞ୍ଜନ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବରେ ଡ. ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ । ଏହି ସଭାରେ ଡ. ମନୋଜ ଲେଙ୍କାଙ୍କ ସହିତ ଓଡ଼ିଶାର ବିଶିଷ୍ଟ ବାସ୍ତୁବିତ ଓ ଜ୍ୟୋର୍ତିବିତ୍ ମାନଙ୍କୁ ସମ୍ମାନିତ କରାଯାଇଥିଲା । କାନ୍ତା ସିଂ, ସୂଚିସ୍ମିତା ପ୍ରଧାନ, ପ୍ରଦୀପ୍ତ ପଟ୍ଟନାୟକ, ବିଦ୍ୟୁତ କୁମାର ସାହୁ ସଭାକୁ ପରିଚାଳନା କରିଥିବା ବେଳେ ସଂସ୍ଥାର ଅଧୀକ୍ଷକ ଦୀପକ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶ୍ରୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନିର୍ମଳା ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୩।୧(ସମିସ): ଟଙ୍କପାଣି ରୋଡ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡା ପଞ୍ଚାୟତର ବାସିନ୍ଦା ନିର୍ମଳା ମହାନ୍ତିଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ସନ୍ଦିପ ମହାନ୍ତି ମୁଖାଗ୍ନି ଦେଇଥିଲେ । ସେହିପରି ସାନ ପୁଅ ଜୟଦୀପ, ଝିଅ ସସ୍ମିତା ମହାନ୍ତିଙ୍କ ସମେତ ପରିବାରର ଅନ୍ୟମାନେ ଉପସ୍ଥିତ ଥିଲେ । ତାଙ୍କ ସ୍ୱର୍ଗତ ସ୍ୱାମୀ ବରୋଦା ପ୍ରସନ୍ନ ମହାନ୍ତି ଭୁବନେଶ୍ୱର ବ୍ଲକରେ ପଞ୍ଚାୟତରାଜ ସବଡିଭିଜନାଲ ଅଫିସର ଥିଲେ । ତାଙ୍କ ବିୟୋଗରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମାନସ ମହାନ୍ତି, ବିରଞ୍ଚି ତ୍ରିପାଠୀ ଓ ସରୋଜ କର, ସାରଦା ପ୍ରସାଦ ଶତପଥୀ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

## ବିଜେଇଏମ୍ ସ୍କୁଲରେ ଜାନକୀ ବଲ୍ଲଭଙ୍କ ଜନ୍ମ ଶତବାର୍ଷିକୀ




ଭୁବନେଶ୍ୱର, ୩।୧(ସମିସ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବି. ଜେ. ଏଜୁକେସନ୍ ସୋସାଇଟିର ସଭାପତି ରଘୁନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା ଯୋଗଦେଇ ଓଡ଼ିଶାର ସାମଗ୍ରିକ ଉନ୍ନତିରେ ଶ୍ରୀ ପଟ୍ଟନାୟକଙ୍କ ଆନ୍ତରିକତା ଉପରେ ମତ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବରେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଶ୍ରୀପତି ନାରୟଣ ମିଶ୍ର, ବରିଷ୍ଠ ସଦସ୍ୟ କେଦାର ନାଥ ଦାସ, ସଦସ୍ୟା ରଞ୍ଜିତା ବଳ, ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଉପସ୍ଥିତ ଥିଲେ । ଏହି ଉତ୍ସବରେ ପର୍ଯ୍ୟବେକ୍ଷକ ପଦ୍ମାଳୟା ପଲ୍ ଧନ୍ୟବାଦ ଅର୍ପଣ କରିଥିଲେ । ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପ୍ରଦୀପ କୁମାର ମଲ୍ଲିକ, ସୁଚରିତା ଦାସ ଉପସ୍ଥିତ ରହି ମହାନ ଜନନାୟକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## 'ନିଜ ଠାରୁ ନିଜର ଦୂରତା' ନାଟକ ମଞ୍ଚସ୍ଥ

ଭୁବନେଶ୍ୱର, ୩।୧(ସମିସ): ନିଜ ଠାରୁ ନିଜର ଦୂରତା ବଢ଼ି ଅସ୍ତିତ୍ୱ ଶୂନ୍ୟତା ଆଡ଼କୁ ଟାଣି ହୋଇଯାଏ । ନିଜ ଚୟନର ଭାର ବୋହିବାରେ ନିଜେ ଅପରାଧ । ଅନ୍ଧାର ଭିତରେ କଳା ବିଲେଇକୁ ତମାମ ଜୀବନ କେବଳ ଖୋଜା ଯାଇଥାଏ; ହେଲେ ଯେତେବେଳେ ତାହା ପ୍ରାପ୍ତ ହୁଏ ମିଳେ କେବଳ ଶୂନ୍ୟତା କେବଳ ଶୂନ୍ୟତା ଏମିତି କିଛି କାହାଣୀକୁ ନେଇ ଶନିବାର ଭଞ୍ଜକଳା କଳା ମଣ୍ଡପରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଓ ଓଡ଼ିଶା ନାଟ୍ୟ ସଂଘ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ନାଟ୍ୟଧାରା ନାଟକ 'ନିଜ ଠାରୁ ନିଜର ଦୂରତା' ମଞ୍ଚସ୍ଥ ହୋଇଯାଇଛି । ଏହି ନାଟକକୁ ସ୍ୱସ୍ତି ଝଙ୍କାର ରାଉରକେଲା ଦ୍ୱାରା ପରିବେଶଣ କରାଯାଇଥିଲା । ଶଙ୍କର ତ୍ରିପାଠୀ ନାଟକର ରଚନା କରିଥିବା ବେଳେ ରାଜୀବ ପାଣି ନିର୍ଦ୍ଦେଶନାରେ ରହିଥିଲେ । ଏହି ସଭାକୁ ସଂଘର ସଭାପତି ମିହିର କୁମାର ମେହେର ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ଶଙ୍କର ତ୍ରିପାଠୀ ଯୋଗ ଦେଇଥିଲେ । ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସଂଘର କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



